# NATIONAL NEWS BULLETIN (ODIA)
## 17 May - 2026
## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ଦୁଇଦିନିଆ ସ୍ୱିଡେନ ଗସ୍ତରେ ଯାଇ ଆଜି ଗୋଥେନବର୍ଗରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ ।
- ଭାରତ ଓ ନେଦରଲ୍ୟାଣ୍ଡ୍ସ ମଧ୍ୟରେ ନବୀକରଣୀୟ ଶକ୍ତି ସମେତ ୧୭ଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସହଯୋଗ ଚୂଡାନ୍ତ ।
- ରୂପା ଆମଦାନୀ ନୀତି ଉପରେ କଟକଣା ଜାରି କଲେ କେନ୍ଦ୍ର ସରକାର ।
- ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଅନ୍ୟଜଣେ ମୁଖ୍ୟ ଅଭିଯୁକ୍ତିକୁ ଗିରଫ କଲା ସିବିଆଇ ।

ଏବଂ

- ଆଇପିଏଲ କ୍ରିକେଟରେ ଗୁଜୁରାଟ ଟାଇଟନ୍ସକୁ ୨୯ ରନ୍‌ରେ ପରାସ୍ତ କଲା କୋଲକାତା ନାଇଟ୍ ରାଇଡର୍ସ ।

# ପିଏମ୍-ସ୍ୱେଡେନ୍ ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦୁଇ ଦିନିଆ ସ୍ୱିଡେନ ଗସ୍ତରେ ଯାଇ ଗୋଥେନବର୍ଗରେ ପହଞ୍ଚିବେ । ଶ୍ରୀ ମୋଦୀ ତାଙ୍କର ସ୍ୱିଡିଶ ପ୍ରତିପକ୍ଷ ଉଲଫ୍ କ୍ରିଷ୍ଟରସନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବା ସହ ଉଭୟ ଦେଶ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି କରିବା ପାଇଁ ସହଯୋଗର ନୂତନ ଉପାୟ ଅନୁସନ୍ଧାନ କରିବେ । ଶ୍ରୀ ମୋଦୀ ଆଲୋଚନା କାଳରେ ସବୁଜ ପରିବର୍ତ୍ତନ, ଏଆଇ, ପ୍ରଯୁକ୍ତିବିଦ୍ୟା, ଷ୍ଟାର୍ଟଅପ୍, ସ୍ଥିର ଯୋଗାଣ ଶୃଙ୍ଖଳ, ପ୍ରତିରକ୍ଷା, ମହାକାଶ, ଜଳବାୟୁ ଏବଂ ଲୋକସମ୍ପର୍କ କ୍ଷେତ୍ର ଗୁଡ଼ିକ ଉପରେ ଗୁରୁତ୍ୱ ଦେବେ ବୋଲି ଜଣାପଡିଛି । ଉଭୟ ପ୍ରଧାନମନ୍ତ୍ରୀ ୟୁରୋପୀୟ ସଂଘର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର ଲେଏନ୍‌ଙ୍କ ସହିତ ଏକ ବ୍ୟବସାୟିକ ମଞ୍ଚକୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୟୁରୋପୀୟ ଗସ୍ତର ତୃତୀୟ ପର୍ଯ୍ୟାୟ ଏବଂ ଚଳିତବର୍ଷ ଜାନୁଆରୀରେ ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମା କାର୍ଯ୍ୟକାରୀ ହେବା ପରଠାରୁ ଏହା ତାଙ୍କର ପ୍ରଥମ ଗସ୍ତକୁ ପ୍ରତିନିଧିତ୍ୱ କରୁଛି। ୨୦୨୫ରେ ୟୁରୋପୀୟ ସଂଘ ଓ ଭାରତ ମଞ୍ଚରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ରେକର୍ଡ ୭ ଦଶମିକ ୭/୫ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି ଏବଂ ୨୦୦୦ ରୁ ୨୦୨୫

ମଧ୍ୟରେ ଭାରତରେ ସ୍ୱିଡିସ୍ ପ୍ରତ୍ୟକ୍ଷ ପୁଞ୍ଜି ବିନିଯୋଗ ୨ ଦଶମିକ ୮୨୫ ବିଲିୟନ ଡଲାର ହୋଇଛି ।

ବର୍ତ୍ତମାନ ୨୮୦ ରୁ ଅଧିକ ସ୍ୱିଡିସ୍ କମ୍ପାନୀ ଭାରତରେ କାର୍ଯ୍ୟ କରୁଥିବା ବେଳେ ୭୫ ଟି ଭାରତୀୟ ଫାର୍ମ ସ୍ୱିଡେନରେ କାର୍ଯ୍ୟ କରୁଛନ୍ତି ।

# ପିଏମ୍-ନେଦରଲ୍ୟାଣ୍ଡ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ନେଦରଲ୍ୟାଣ୍ଡ୍ସ ଗସ୍ତର ଦ୍ୱିତୀୟ ଦିନରେ ବିଭିନ୍ନ ପର୍ଯ୍ୟାୟରେ ବୈଠକ କରିବା ସହ ସେଠାକାର ରାଜପରିବାର ସହିତ ସାକ୍ଷାତ୍ କରିଥିଲେ। ଶ୍ରୀ ମୋଦି ଏବଂ ନେଦରଲ୍ୟାଣ୍ଡ୍ସର ପ୍ରଧାନମନ୍ତ୍ରୀ ଚୋଳ-ଯୁଗର ତମ୍ବା ପ୍ଲେଟର ଐତିହାସିକ ପୁନଃସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ପ୍ଲେଟଗୁଡ଼ିକ ଭାରତର ଐତିହ୍ୟ ଏବଂ ସଭ୍ୟତାର ଏକ ଅମୂଲ୍ୟ ଅଧ୍ୟାୟକୁ ପ୍ରତିନିଧିତ୍ୱ କରନ୍ତି । ଭାରତର ସେମିକଣ୍ଡକ୍ଟର ଉତ୍ପାଦନ ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଅବସରରେ ଟାଟା ଇଲେକ୍ଟ୍ରୋନିକ୍ସ-ଏଏସ୍ଏମ୍ଏଲ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ବୁଝାମଣାପତ୍ର ଅଧୀନରେ, ଏଏସ୍ଏମ୍ଏଲ୍ ଗୁଜରାଟର ଧୋଲେରାରେ ଟାଟା ଇଲେକ୍ଟ୍ରୋନିକ୍ସର ସେମିକଣ୍ଡକ୍ଟର ବ୍ୟବସ୍ଥାକୁ ଅତ୍ୟାଧୁନିକ ଜ୍ଞାନ କୌଶଳ ଯୋଗାଇଦେବ । ଉଭୟ ନେତା ମିଳିତ ଭାବରେ ଶକ୍ତି, ବନ୍ଦର, ସ୍ୱାସ୍ଥ୍ୟ,

କୃଷି, ବାଣିଜ୍ୟ ଏବଂ ପ୍ରଯୁକ୍ତିବିଦ୍ୟାର ପ୍ରମୁଖ ଡଚ୍ କମ୍ପାନୀଗୁଡ଼ିକର ପରିଚାଳନା ନିର୍ଦ୍ଦେଶକ ମାନଙ୍କ ସହିତ ଆଲୋଚନା କରିଥିଲେ ।

ଏହି ଗସ୍ତ କାଳରେ ଉଭୟ ଦେଶ ମଧ୍ୟରେ ୧୭ଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସହଯୋଗ ଚୂଡାନ୍ତ ହୋଇଛି । ଏଥିରେ ନବୀକରଣୀୟ ଶକ୍ତି, ସବୁଜ ହାଇଡ୍ରୋଜେନ ରୋଡମ୍ୟାପ୍; ଯୋଗାଣ ଶୃଙ୍ଖଳ ସୁରକ୍ଷିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଖଣିଜ ସହଯୋଗ ସମେତ ଜଳ ପରିଚାଳନା, ତ୍ରିପୁରାରେ ଫୁଲ ଚାଷ, ବେଙ୍ଗାଲୁରୁରେ ଦୁଗ୍ଧ ତାଲିମ, ନାଳନ୍ଦା ଏବଂ ଗ୍ରୋନିଞ୍ଜେନ ବିଶ୍ୱବିଦ୍ୟାଳୟ ମଧ୍ୟରେ ବୁଝାମଣା ଏବଂ ସ୍ୱାସ୍ଥ୍ୟ ଓ ସୀମାଶୁଳ୍କ କ୍ଷେତ୍ର ରହିଛି ।

## ଜେପିସି-ବିଲ୍

ଏକ ରାଷ୍ଟ୍ର ଏକ ନିର୍ବାଚନ ବିଲ୍ ଉପରେ ଯୁଗ୍ମ ସଂସଦୀୟ କମିଟି ଗତକାଲି ବେଙ୍ଗାଲୁରୁରେ ବିଭିନ୍ନ ରାଜନୈତିକ ଦଳ ଓ ଲୋକମାନଙ୍କ ସହିତ ଆଲୋଚନା କରିଛନ୍ତି । କମିଟିର ଅଧ୍ୟକ୍ଷ ପି ପି ଚୌଧୁରୀ କହିଛନ୍ତି କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି କେ ଶିବକୁମାର, ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରପ୍ପା ମୋଇଲି ଏବଂ ବିଜେପି ଓ ଅନ୍ୟାନ୍ୟ ଦଳର ପ୍ରତିନିଧିମାନେ ଏକ

ରାଷ୍ଟ୍ର ଏକ ନିର୍ବାଚନ ବିଲ୍ ଉପରେ ସେମାନଙ୍କର ମତାମତ ଉପସ୍ଥାପନ କରିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ବିଭିନ୍ନ ରାଜ୍ୟ ଗସ୍ତ ସମୟରେ ଜେପିସି ଦ୍ୱାରା ଆପତ୍ତି ଏବଂ ସୁପାରିଶ ଗ୍ରହଣ କରାଯାଉଛି। ସେ ସୂଚନା ଦେଇଥିଲେ ଯେ ବାରମ୍ବାର ନିର୍ବାଚନ ଏବଂ ଏଥିଯୋଗୁଁ ଲାଗୁ ହେଉଥିବା ନିର୍ବାଚନ ଆଚରଣ ବିଧି ଦେଶର ବିକାଶ କାର୍ଯ୍ୟକୁ ପ୍ରଭାବିତ କରୁଛି ।

## ଇଣ୍ଡିଆ-ଡୋମିନିକା ଏମ୍ଓୟୁ

ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା ଡୋମିନିକାର ବୈଦେଶିକ ମନ୍ତ୍ରୀଙ୍କ ସହ ବୁଝାମଣାପତ୍ର ଆଦାନପ୍ରଦାନ କରିଛନ୍ତି। ସେ ଡୋମିନିକାର ବୈଦେଶିକ ବ୍ୟାପାର, ଆନ୍ତର୍ଜାତୀୟ ବ୍ୟବସାୟ, ବାଣିଜ୍ୟ ଏବଂ ଶକ୍ତି ମନ୍ତ୍ରୀ ଭିନ୍ସ ହେଣ୍ଡରସନଙ୍କୁ ସାକ୍ଷାତ୍‌କରି ଉଭୟ ଦେଶ ମଧ୍ୟରେ ସହଯୋଗ ସୁଦୃଢ଼ କରିବା ଲାଗି ଆଲୋଚନା କରିଛନ୍ତି । ପୂର୍ବରୁ, ମାର୍ଗେରିଟା ଡୋମିନିକାର କାର୍ଯ୍ୟକାରୀ ପ୍ରଧାନମନ୍ତ୍ରୀ ଇରଭିଂ ମ୍ୟାକଇଣ୍ଟାଇରଙ୍କୁ ସାକ୍ଷାତ୍‌କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶୁଭେଚ୍ଛା

ଜଣାଇଥିଲେ। ବେଲିଜ୍ ଏବଂ ହଣ୍ଡୁରାସର ସଫଳ ଗସ୍ତ ପରେ, ମାର୍ଗେରିଟା ଗତକାଲି ଡୋମିନିକାରେ ପହଞ୍ଚିଥିଲେ।

## ଗଭ୍-ସିଲଭର

ମୂଲ୍ୟବାନ ଧାତୁ ଉପରେ ଅଧିକ ସୀମା ଶୁଳ୍କ ଲାଗୁ କରିବାର କିଛି ଦିନ ମଧ୍ୟରେ, ସରକାର ରୂପା ଆମଦାନୀ ଉପରେ କଟକଣା ଜାରି କରିଛନ୍ତି । ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟର ବିଜ୍ଞପ୍ତି ଅନୁଯାୟୀ ସୁନା ଏବଂ ପ୍ଲାଟିନମ୍ ସହିତ ରୂପା ଆଚ୍ଛାଦିତ ଓ ରୂପା ଆମଦାନୀ ନୀତି ଉପରେ କଟକଣା କରାଯାଇଛି । ଗତ ବୁଧବାର ମୂଲ୍ୟବାନ ଧାତୁ ଉପରେ ଆମଦାନୀ ଶୁଳ୍କକୁ ୬ ପ୍ରତିଶତରୁ ୧୫ ପ୍ରତିଶତକୁ ବୃଦ୍ଧି କରାଯାଇଥିଲା ।

## ସିବିଆଇ

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ସିବିଆଇ ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଅନ୍ୟଜଣେ ମୁଖ୍ୟ ଅଭିଯୁକ୍ତକୁ ପୁଣେରୁ ଗିରଫ କରିଛି । ପୁଣେର ଏକ କଲେଜରେ ବଟାନି ବିଭାଗର ଅଧ୍ୟାପିକା ମନିଷା ମାନ୍ଧାରେଙ୍କୁ ଗିରଫ କରାଯାଇଥିବା ଜଣାପଡିଛି । ସିବିଆଇ ପକ୍ଷରୁ ଦିଆଯାଇଥିବା ସୂଚନା

ଅନୁଯାୟୀ ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ ପକ୍ଷରୁ ତାଙ୍କୁ ଏହି ପରୀକ୍ଷାରେ ବିଶେଷଜ୍ଞ ଭାବେ ନିଯୁକ୍ତ କରାଯାଇଥିଲା । ପୂର୍ବରୁ ଅନ୍ୟଜଣେ ଅଭିଯୁକ୍ତ ମନିଷା ବାଘମାରେଙ୍କୁ ଗତ ୧୪ ତାରିଖରେ ପୁଣେରୁ ଗିରଫ କରାଯାଇଥିଲା ।

## ମହାରାଷ୍ଟ୍ର-ମାଓବାଦୀ

ମହାରାଷ୍ଟ୍ରରେ ଗଡଚିରୋଲି ପୋଲିସ ଏବଂ ସିଆରପିଏଫ ପକ୍ଷରୁ ଅଭିଯାନ ସମୟରେ ୮ଜଣ ମାଓବାଦୀଙ୍କୁ ଗିରଫ କରାଯାଇଛି । ଗିରଫ ହୋଇଥିବା ଆଠ ଜଣ ମାଓବାଦୀଙ୍କ ମଧ୍ୟରେ ଦୁଇଜଣ ଡିଭିଜନାଲ କମିଟି ସଦସ୍ୟ ଏବଂ ଦୁଇଜଣ ପ୍ଲାଟୁନ ପାର୍ଟି କମିଟି ସଦସ୍ୟ ରହିଥିବା ଜଣାପଡିଛି । ତଲାସୀ ଅଭିଯାନ ସମୟରେ ସୁରକ୍ଷା ବାହିନୀ ଏଲଏମଜି, ଏକେ-୪୭ ରାଇଫଲ୍, ଏସଏଲଆର, ଇନ୍‌ସାସ ରାଇଫଲ୍, ୩୦୩ ରାଇଫଲ୍ ସମେତ ୫୧ଟି ବନ୍ଧୁକ ଜବତ କରିଛି। ଏହି ଅଭିଯାନରେ ୬୫ଲକ୍ଷ ୩୪ହଜାର ଟଙ୍କା ମଧ୍ୟ ଜବତ କରାଯାଇଛି । ଗିରଫ କ୍ୟାଡର ମାଓବାଦୀଙ୍କ ପାଇଁ ମହାରାଷ୍ଟ୍ର ସରକାର ୬୪ ଲକ୍ଷ ଟଙ୍କାର ମିଳିତ ପୁରସ୍କାର ଘୋଷଣା

କରିଥିଲେ। ଅନ୍ୟ ଏକ ଘଟଣାରେ ଗତକାଲି ୫ ଜଣ ବରିଷ୍ଠ ମାଓବାଦୀ ଆତ୍ମସମର୍ପଣ କରିଥିବା ଜଣାପଡିଛି ।

## ଏଚ୍‌ସି-ଆର୍‌ଜିକର କେସ୍

କୋଲକାତାର ଆରଜିକର ମେଡିକାଲ କଲେଜ ଦୁଷ୍କର୍ମ ଏବଂ ହତ୍ୟା ମାମଲାର ଶୁଣାଣି କଲିକତା ହାଇକୋର୍ଟର ବିଚାରପତି ଶମ୍ପା ସରକାର ଏବଂ ତୀର୍ଥଙ୍କର ଘୋଷଙ୍କ ଖଣ୍ଡପୀଠରେ କରାଯିବ। ବିଚାରପତି ରାଜା ଶେଖର ମନ୍ଥା ଏବଂ ରାୟ ଚଟ୍ଟୋପାଧ୍ୟାୟ ଏହି ମାମଲାରୁ ଗତ ୧୧ ତାରିଖରେ ଓହରି ଯାଇଥିଲେ। ଏହି ମାମଲାରେ ଏକମାତ୍ର ଦୋଷୀ ସଞ୍ଜୟ ରାୟଙ୍କୁ ଗତବର୍ଷ ଜାନୁଆରୀରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଏବେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଘଟଣାର ତଦନ୍ତ କରୁଥିବାବେଳେ ଅଭିଯୁକ୍ତର ମୃତ୍ୟୁଦଣ୍ଡ ଦାବି କରୁଥିଲା ।

## କଲମ୍ବିଆ ପଲ୍‌ଟିସିଆନ କିଲ୍‌ଡ

କଲମ୍ବିଆର ରାଷ୍ଟ୍ରପତି ପ୍ରାର୍ଥୀ ଆବେଲାର୍ଡୋ ଡି ଲା ଏସ୍ପ୍ରିଏଲାଙ୍କ ସହଯୋଗୀ ଥିବା ଜଣେ ପୂର୍ବତନ ମେୟର ରୋଜର ଡେଭିୟାଙ୍କୁ ଗୁଳି କରି ହତ୍ୟା

କରାଯାଇଛି। ତାଙ୍କର ଜଣେ ସହଯୋଗୀ ଏଡର କାରଡୋନାଙ୍କୁ ମଧ୍ୟ ହତ୍ୟା କରାଯାଇଥିବା ସୂଚନା ମିଳିଛି। ଆମେରିକା ସରକାର ଦ୍ୱାରା ଆତଙ୍କବାଦୀ ଭାବରେ ଘୋଷଣା କରାଯାଇଥିବା ଦୁଇଟି ଗୋଷ୍ଠୀ ଏବଂ ତୃତୀୟ ଗୋଷ୍ଠୀ ସଂପୃକ୍ତ ଅଞ୍ଚଳରେ ୨୦୨୦ରୁ ୨୦୨୩ ପର୍ଯ୍ୟନ୍ତ ସକ୍ରିୟ ରହିଥିଲେ । ଡେଭିଆଙ୍କ ମୃତ୍ୟୁ ରାଜଧାନୀ ବୋଗୋଟାରୁ ୧୭୦ କିଲୋମିଟର ଦକ୍ଷିଣରେ ଥିବା ଏକ ଗ୍ରାମରେ ଘଟିଛି । କ୍ୟୁବାରାଲର ଗ୍ରାମାଞ୍ଚଳରେ ବନ୍ଧୁକଧାରୀଙ୍କ ଆକ୍ରମଣରେ ଡେଭିୟାଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ଚଳିତମାସ ୩୧ ତାରିଖରେ ହେବାକୁ ଥିବା କଲମ୍ବିଆ ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଏଭଳି ହତ୍ୟାକାଣ୍ଡ ଅସ୍ଥିରତା ସୃଷ୍ଟି କରିପାରେ ବୋଲି ଅନୁମାନ କରାଯାଉଛି ।

## ଲାଟଭିଆନ ପ୍ରେସିଡେଣ୍ଟ

ଲାଟଭିଆର ରାଷ୍ଟ୍ରପତି ଏଡଗାର୍ସ ରିଙ୍କେଭିକ୍ସଙ୍କ ଘୋଷଣା ଅନୁଯାୟୀ ସେ ବିରୋଧୀ ୟୁନାଇଟେଡ୍ ଲିଷ୍ଟ ପାର୍ଟିର ସାଂସଦ ଆଣ୍ଡ୍ରିସ୍ କୁଲବର୍ଗଙ୍କୁ ଏକ ନୂଆ ସରକାର ଗଠନ ପାଇଁ ଦାୟିତ୍ୱ ଦେଇଛନ୍ତି। ଏକ ସାମ୍ବାଦିକ

ସମ୍ମିଳନୀରେ ରିଙ୍କେଭିକ୍ସ କହିଛନ୍ତି ଯେ ସେ ବିଦାୟୀ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ପରେ ବିଭିନ୍ନ ରାଜନୈତିକ ଦଳ ସହ ଆଲୋଚନା କରିଥିଲେ । ଚଳିତମାସ ୨୫ ତାରିଖ ସୁଦ୍ଧା ସେ ନୂଆ ସରକାର ଗଠନ ହେବା ନେଇ ଆଶାବାଦୀ ଥିବା କହିଛନ୍ତି ।

## ଆଇପିଏଲ୍

ଆଇପିଏଲ କ୍ରିକେଟରେ, ଗତକାଲି କୋଲକାତାର ଇଡେନ ଗାର୍ଡେନରେ ଅନୁଷ୍ଠିତ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ ୨୯ ରନ୍‌ରେ ଗୁଜୁରାଟ ଟାଇଟାନ୍ସକୁ ପରାସ୍ତ କରିଛି । ୨୪୮ ରନର ବିଜୟଲକ୍ଷ୍ୟକୁ ପିଛା କରି ଗୁଜୁରାଟ ଟାଇଟାନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୪ ଓ୍ୱିକେଟ ହରାଇ ୨୧୮ ରନ କରିଥିଲା। ଗୁଜୁରାଟ ଟାଇଟାନ୍ସ ପକ୍ଷରୁ ଅଧିନାୟକ ଶୁଭମନ ଗିଲ ସର୍ବାଧିକ ୮୫ ରନ କରିଥିବାବେଳେ ସାଇ ସୁଦର୍ଶନ ୫୩ ଏବଂ ଜୋସ୍ ବଟଲର୍ ୫୭ ରନ କରିଥିଲେ। ସୁନୀଲ ନାରିନଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ପ୍ରଥମେ ବ୍ୟାଟିଂ କରି କୋଲକାତା ନାଇଟ୍ ରାଇଡର୍ସ ନିର୍ଦ୍ଧାରିତ ୨୦ ଓଭରରେ ୨ ଓ୍ୱିକେଟ ହରାଇ ୨୪୭ ରନ ସ୍କୋର କରିଥିଲା।

ଆଇପିଏଲ୍ କ୍ରିକେଟ୍‌ରେ ଆଜି ୨ଟି ମ୍ୟାଚ୍ ଖେଳାଯିବ । ଧର୍ମଶାଳାର ହିମାଚଳ ପ୍ରଦେଶ କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମ୍‌ରେ ଅପରାହ୍ଣ ୩ଟା ୩୦ ମିନିଟ୍‌ରେ ପଞ୍ଜାବ କିଙ୍ଗ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଏବଂ ସଂଧ୍ୟା ୭ଟା ୩୦ ମିନିଟ୍‌ରେ ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମ୍‌ରେ ରାଜସ୍ଥାନ ରୟାଲ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମ୍ୟାଚଡ଼ ଅନୁଷ୍ଠିତ ହେବ ।